କଳ୍ପତରୁ ସଂସ୍କୃତ କଲେଜ ବିରୋଧରେ ଅସାମାଜିକ ବ୍ୟକ୍ତିଙ୍କ ମେଳି : ଅଧ୍ୟକ୍ଷ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ପୌରପାଳିକାର ବଂଶୀପାଟଣା ସ୍ଥିତ କଳ୍ପତରୁ ସଂସ୍କୃତ କଲେଜ ବିରୋଧରେ କିଛି ଅସାମାଜିକ ବ୍ୟକ୍ତି ଗତ କିଛି ବର୍ଷ ହେଲା ଲାଗାତର ଭାବେ ବିଭିନ୍ନ କାର୍ଯ୍ୟାଳୟ ଓ କଲେଜ ବିରୋଧରେ ଚାରିଆଡେ ପିଟିସନ କରିବା ସହିତ ସରକାରୀ କଳକୁ ବିଭ୍ରାନ୍ତି କରୁଛନ୍ତି ବୋଲି କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶିକ୍ଷାର ବିକାଶ କରିବା ପାଇଁ କିଛି ଶିକ୍ଷାବିତଙ୍କ ସହଯୋଗରେ ୧୯୯୭ ମସିହାରେ ବଂଶୀପାଟଣା ଗ୍ରାମରେ କଳ୍ପତରୁ ସଂସ୍କୃତ କଲେଜ ଗଢି ଉଠିଥିଲା ।

ବହୁଘାତ ପ୍ରତିଘାତ ମଧ୍ୟରେ ୨୬ ବର୍ଷ ଅତିକ୍ରମ କରି କଲେଜ ଆଗକୁ ମାଡି ଚାଲିଛି । ଯଦିବା ଏହି କଲେଜ ଗ୍ରାଣ୍ଟ ପାଇନାହିଁ ତଥାପି କଲେଜରେ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ଶିକ୍ଷାଦାନ କରିବାର ଆଗ୍ରହ କମିନାହିଁ । କିଛି ଅସାମାଜିକ ବିଭିନ୍ନ ସ୍ଥାନର ବ୍ୟକ୍ତିଙ୍କୁ କଲେଜରେ ଚାକିରି କରାଇ ଦେବା ଆଳରେ ଲକ୍ଷ ଲକ୍ଷ ଟଙ୍କା ଅର୍ଥ ଲୁଟିଛନ୍ତି । କଲେଜର ବିଭିନ୍ନ ପଦବୀରେ ଅବସ୍ଥାପିତ କରିବାକୁ ଅଧ୍ୟକ୍ଷଙ୍କୁ ବାଧ୍ୟ କରାଉଥିଲେ । ଅଧ୍ୟକ୍ଷ ଏହି ପଦବୀ ପାଇଁ ରାଜି ନହେବାରୁ ଅଧ୍ୟକ୍ଷଙ୍କ ନାମରେ ସ୍ଥାନୀୟ ପୋଲିସ ଷ୍ଟେସନ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଓ ପୁରୀ ଶ୍ରୀଜଗନ୍ନାଥ ୟୁନିର୍ଭରସିଟିରେ ଅଭିଯୋଗ କରିବାକୁ ପଛାଇ ନାହାନ୍ତି । ଅକ୍ଷୟ କୁମାର ରଣା ନାମକ ବ୍ୟକ୍ତି କଲେଜ ଭିତରେ ପସି ବେନର ଚିରିବା ସହିତ ଅଧ୍ୟକ୍ଷଙ୍କୁ ଗାଳିଗୁଲଜ କରିବାରୁ ଥାନାରେ ଅଭିଯୋଗ ହୋଇଥିଲା । ଆଉ ଏପରି ଅସାମାଜିକ କାର୍ଯ୍ୟ କରିବେ ନାହିଁ ବୋଲି କହି ଥାନାର ଅଣ୍ଡର ଟେକିଙ୍ଗ୍ ଲେଖି ମୁଚୁଲିଥିଲେ । ସେହିଦିନ ଠାରୁ ଅଧ୍ୟକ୍ଷଙ୍କ ନାମରେ ବିରୋଧରେ ମିଥ୍ୟା ଅଭିଯୋଗ ଜିଲ୍ଲାପାଳଙ୍କ ଠାରେ ଆଣିଛନ୍ତି । କଲେଜର ପୁରୁଣା ବିପଦ ଶଙ୍କୁଳ ମାଟି ଘର ଭାଙ୍ଗି ନୂତନ ଘର କରିବା ଲକ୍ଷ୍ୟରେ ଘର ଭାଙ୍ଗିବା ପରେ ବାହାରିଥିବା ଆସବପତ୍ର ଏକ ଘରେ ରଖିଛନ୍ତି । ହେଲେ କିଛି ଅସାମାଜିକ ବ୍ୟକ୍ତି କଳ୍ପତରୁ ସଂସ୍କୃତ କଲେଜର ଅଧ୍ୟକ୍ଷ ମାଟିଘର ଭାଙ୍ଗି ତାଳ ଗଡାଣ ଓ ଟୀଣ ନେଇଯାଉଥିବା ବେଳେ ଗ୍ରାମବାସୀ ଅଟକାଇବାରୁ ଅଧ୍ୟକ୍ଷ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଯାହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ ।

କଳ୍ପତରୁ ସଂସ୍କୃତ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢୀ ଏହି ସାମଗ୍ରୀ ଗୁଡିକ ଏକ ଘରେ ଚାବି ପକାଇ ସୁରକ୍ଷିତ ଅବସ୍ଥାରେ ରଖିଛନ୍ତି । ଅଧ୍ୟକ୍ଷଙ୍କୁ ବଦନାମ କରିବା ପାଇଁ କିଛି ଅସାମାଜିକି ବ୍ୟକ୍ତି କିଛି ଖବର କାଗଜରେ ବାହାର କରିବା ଓ ବିଭିନ୍ନ ଆଡେ ଅଭିଯୋଗ ଅଣିବା କଥା ଭଦ୍ରକରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁ କାର୍ଯ୍ୟାଳୟରେ ଜାଣିଗଲେଣି । ଏହି ଅଭିଯୋଗ ପାଇଁ ପଛରେ ଆରମ୍ଭ ହୋଇଥିବା ବିଭିନ୍ନ କଲେଜ କର୍ମଚାରୀ ଦରମା ପାଉଥିବା ବେଳେ କଳ୍ପତରୁ ସଂସ୍କୃତ କଲେଜରେ ୨୬ ବର୍ଷ ଧରି ଖଟୁଥିବା କର୍ମଚାରୀ ପେଟକୁ କାଟି କଲେଜ ପାଇଁ ଶ୍ରମ ଦେଉଛନ୍ତି । ତା ମଧ୍ୟରୁ କିଛି ଅଧ୍ୟାପକ ଦରମାକୁ ଅପେକ୍ଷା କରି କରି ଚିକିତ୍ସା ପାଇଁ ଅର୍ଥ ଅଭାବରୁ ମୃତ୍ୟୁ ବରଣ କଲେଣି।

ପାହାଡ କାଟି ମୋରମ ଚାଲାଣ, ଜିଲ୍ଲାପାଳଙ୍କୁ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ରାଜସ୍ୱ ଅଧୀନରେ ଥିବା କଣ୍ଡାଳ ପାହାଡକୁ କିଛି ଦିନ ହେବ କାଟି ମୋରମ ଚାଲାଣ କରାଯାଉଛି । ବିଭାଗୀୟ ଅଧିକାରୀ ଙ୍କ ନିରବତା କୁ ନେଇ ମୋରମ ମାଫିଆ ମାନେ ପ୍ରତେକ ଦିନ ଟ୍ରିପ ଟ୍ରିପ ମୋରମ ଚାଲାଣ କରୁଥିବା ଅଭିଯୋଗ ହୋଇଛି । ଏ ନେଇ ଅଞ୍ଚଳବାସୀ ନାକିଚି ରାଜସ୍ୱ କାର୍ଯ୍ୟାଳୟ ଠାରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନଥିବା ଯୋଗୁଁ ବୁଧବାର ଦିନ କଣ୍ଡାଳ ଗ୍ରାମବାସୀ ମାନେ ଅନୁଗୋଳ ଜିଲ୍ଲାପାଳ ଙ୍କ ଠାରେ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତ ।

ଏ ନେଇ ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ନାକିଚି ତଥା ଆଖପାଖ ଅଞ୍ଚଳ ରେ ଥିବା ସରକାରୀ ଜମି ଓ କିଛି ପାହାଡ ରୁ ବେଆଇନ ଭାବରେ ମୋରମ କଟାଯାଇ ଚାଲାଣ କରାଯାଉଛି । ବିଶେଷ କରି ମୋରମ ମାଫିଆ ମାନେ ବିଳମ୍ବିତ ରାତି ରେ ଜେସିବି ମେସିନ ଦ୍ୱାରା ମୋରମ କାଟି ଚାଲାଣ କରାଯାଉଛି । ଏହି ଅଞ୍ଚଳ ରେ ନିର୍ମାଣ କରାଯାଉଥିବା ରାସ୍ତା ଗୁଡିକ ରେ ମୋରମ ବ୍ୟବହାର ପାଇ ରାତିରେ ପାହାଡ ଗୁଡିକରୁ ମୋରମ କାଟି ଚାଲାଣ କରଯାଉଛି । ଏ ନେଇ ଅଞ୍ଚଳବାସୀ ମାନେ ବହୁବାର ନାକିଚି ରାଜସ୍ୱ କାର୍ଯ୍ୟାଳୟ ଠାରେ ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ ଚଢଉ କରାଯାଉନଥିବା ଯୋଗୁଁ ଅସନ୍ତୋଷ ଦେଖାଯାଇଛି । ମୋରମ ମାଫିଆ ମାନେ ରାଜସ୍ୱ ବିଭାଗର କେତେକ କର୍ମଚାରୀ ଙ୍କୁ ହାତ କରି ଏଭଳି ଚୋରା ଚାଲାଣ କରୁଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲ୍ଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହୋଇଛି । ଏ ନେଇ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ କୁହନ୍ତି –ତୁରନ୍ତ ପଦକ୍ଷେପ ନିଆଯିବ ।

ଦୋଳ ମେଳନ ନେଇ ବୈଠକ

ତିହିଡି,(ସବ୍ୟୁ): ତିହିଡି ବ୍ଲକର ବିଭିନ୍ନ ସ୍ଥାନରେ ଦୋଳ ମେଳନ ପାଳନ ନେଇ ସୋମବାର ଦିନ ତିହିଡି ଥାନାରେ ପୋଲିସ ଓ ମେଳନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ତିହିଡି ଅଞ୍ଚଳର ଐତିହାସିକ କାଳିମେଘା ମେଳନ ଠାରୁ ଆରମ୍ଭ କରି ଝାଡପଟା ମେଳନ, କୋହ୍ଲ ମେଳନ, ତିହିଡି ମେଳନ, ବାରୋ, ବୋଡକ ଓ ତାଳପଦା ଆଦି ସ୍ଥାନରେ ହେବାକୁ ଯାଉଥିବା ପ୍ରମୁଖ ଦୋଳମେଳନ ଗୁଡିକୁ କିପରି ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରାଯିବ ସେଥିନେଇ ବିସ୍ତୃତଭାବେ ଆଲୋଚନା ହୋଇଥିଲା । ବିଶେଷକରି ଡିଜେ ବାଜାକୁ କିପରି ସର୍ବନିମ୍ନ ଧ୍ୱନିରେ ବଜାଯାଇପାରିବ ଓ ପାଣିସିଞ୍ଚନକୁ ସଂପୂର୍ଣ୍ଣ ଭାବେ ନିଷେଧ କରିହେବ ସେ ଦିଗରେ ଦୃଷ୍ଟି ଦେବାକୁ ପୋଲିସ ମେଳନ କମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ମେଳନ ସମୟରେ ଯେଭଳି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତେ ଯତ୍ନବାନ ହେବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ତିହିଡି ଆଇଆଇସି ପ୍ରସନ୍ନ ନାୟକ, ବାଣୀକଲ୍ୟାଣ ମହାପାତ୍ର, ଗଣେଶ ନାୟକ, କୀର୍ତ୍ତନ ରାଉତ, କହ୍ନେଇ ସାହୁ, ଅପୂର୍ବ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ତଥା ଠାକୁରବାଡିଆ ମାନେ ଉପସ୍ଥିତ ଥିଲେ।

ନୂତନ କୋର୍ଟ ବିଲଡିଂ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର

ହିନ୍ଦୋଳ, (ସବ୍ୟୁ) : ହିନ୍ଦୋଳ ସଦର ମହକୁମା ରାଜମୋହନପୁର ଠାରେ ଆଜି ଅପରାହ୍ନରେ ନୂତନ କୋର୍ଟ ବିଲଡିଂ ନିର୍ମାଣ ନିମନ୍ତେ ଭରତୁଆଲ ମୋଡରେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି । ଓଡିଶା ଉଚ୍ଚ ନ୍ୟାୟାଳୟ ର ମୁଖ୍ୟ ବିଚାରପତି ଏହାକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଦେଙ୍କନାଳ ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତି, ହିନ୍ଦୋଳ ସିଭିଲ କୋର୍ଟ ସବ ଜଜ ରୋଜି ତ୍ରିପାଠୀ, ଏସଡ଼ିଜେଏମ ପ୍ରତ୍ୟୁଷା କିରଣ ଉପସ୍ଥିତ ରହିଥିଲେ ।

ଏହା ସମେତ ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ପ୍ରକାଶ ଦାସ, ଅରୁଣ ଦାସ, ଦିବାକର ଦାସ, ଅଶ୍ୱିନୀ ମହାପାତ୍ର, ଦିପ୍ତୀକାନ୍ତ ପ୍ରଧାନ, ସୁରେଶ ବାରିକ, ଦେବାନନ୍ଦ ପଟ୍ଟନାୟକ, ପ୍ରକାଶ ନାୟକ, ବିବେକାନନ୍ଦ ପଣ୍ଡା, ଙ୍କ ସମେତ ବହୁ ଓକିଲ ଯୋଗଦାନ କରିଥିଲେ । ସେହିପରି ହିନ୍ଦୋଳ ଆଇ ଆଇ ସି ଚାରୁଲତା ବେହେରା ଓ ପୋଲିସ ଷ୍ଟାଫ, କୋର୍ଟ କର୍ମଚାରୀ, ପୂର୍ତ୍ତ ବିଭାଗ, ଦୂର ସଂଚାର ବିଭାଗ ଏବଂ ଟେଣ୍ଡର ନେଇଥିବା ଠିକାଦାର ମଧ୍ୟ ଉପସ୍ଥିତ ଥିଲେ । ଉକ୍ତ ବିଲଡିଂ ପାଇଁ ୬ କୋଟି ୬୭ ଲକ୍ଷ ଅର୍ଥ ଅନୁଦାନ ମିଳିଥିବା ପ୍ରକାଶ ।

ମଶାରୀ ଭିତରେ ଅଭିଶପ୍ତ ଜୀବନ

ଢେଙ୍କିକୋଟ , (ସବ୍ୟୁ) : ଦିନ ଗଡ଼ି ଗଡ଼ି ଯାଉଛି। କଷ୍ଟ ବଢିଚାଲିଛି । ମଶାରୀ ଭିତରେ ଅଭିଶପ୍ତ ଜୀବନ । ଜୀବନର ଦୀପ ଲିଭିବା ପୂର୍ବରୁ ଯଦି ପ୍ରଶାସନ ଦୃଷ୍ଟି ପଡନ୍ତା ତେବେ ଆଉ କିଛିଦିନ ବଞ୍ଚି ଯାଆନ୍ତା । ଘଟଗାଁ ବ୍ଲକ୍ ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ର ମୁଦ୍ରାବେଡା ଗ୍ରାମର ନୃସିଂହ ନାୟକ (୬୦) ।ସ୍ତ୍ରୀ ସୁକାନ୍ତୀ ଅକର୍ମଣ୍ୟ, ଗୋଟିଏ ଆଖିକୁ ଦେଖାଯାଉନି । ୩ଝିଅ ମଧ୍ୟରୁ ଜଣେ ଦାଦନ ଖଟିବାକୁ ବାହାରକୁ ଚାଲିଗଲା ।ଅନ୍ୟ ଜଣେ ବାହାହୋଇ ସଂସାର କଲା ।ବାକି ବଡଝିଅ ବର୍ତମାନ ବାପା ମାଆକୁ ଦେଖାଶୁଣା କରୁଛି । ଆଜକୁ ପାଖାପାଖି ଆଠବର୍ଷ ହେବ ନୃସିଂହ ନାୟକଙ୍କ ତଳି ପାଦ ଫାଟିବା ଆରମ୍ଭ ହୋଇଥିଲା । ପରେ ପରେ ବର୍ତମାନ ପାଦ ଆଉ ନାହିଁ ।ଧିରେ ଧିରେ ପାଦ ପଚି ଶଢି ଗଲା । ପାଦର ଆଙ୍ଗୁଠି ଛିଣ୍ଡିଗଲା ଝ ବିଚରା କେନ୍ଦୁଝରଜିଲ୍ଲା ମୁଖ୍ୟ ଡାକ୍ତରଖଝନା,କଟକ ବଡମେଡିକାଲ୍ ତଥା ପାଖ ଡାକ୍ତରଖଝନାକୁ ଦଉଡି ଦଉଡି ନୟାନ୍ତ ହେଲେଣି, କିଛି ଲାଭନାହିଁ ।ଦୁଇ ଗୋଡ ପାଚିବା ସହିତ ପୁଜ,ରକ୍ତ,ଓ ବିନ୍ଧା ରେ ସେ ଅସହ୍ୟ ହୋଇଯାଇଛି । ଏପରି ଅନେକ ଥର ଜୀବନ ହାରିବାକୁ ନିଷ୍ପତି ନେଇ ବିଶ ପାଇଛି । କେବଳ ତାକୁ,ତା ସ୍ତ୍ରୀ କୁ ଓ ଝିଅକୁ ମାସକୁ ମାସ ୧୫ କେଜି ଚାଉଳ ମିଳୁଛି । ବାକି ମୁଲମଜୁରି କରି ଝିଅ ପରିବାର ପୋଷୁଛି ।ବାପାକୁ କେନ୍ଦୁଝର ଡାକ୍ତରଖାନା ରେ ୧୫ ଦିନଧରି ରଖିବା ପରେ କାଲି ଘରକୁ ଫେରାଇ ଆଣିଛି ।ବର୍ତମାନ ମଶାରି ଭିତରେ ବହୁ କଷ୍ଟରେ ପଡି ରହିଛି ।କେତେବେଳେ ବି ଜୀବନ ଦୀପ ଲିଭିଯିବି । ବିଚରା ବିଧାୟକ ଠାରୁ ନେତା ମନ୍ତ୍ରୀ, ବ୍ଲକ୍ ପ୍ରଶାସନ,ଜିଲ୍ଲା ପ୍ରଶାସନକୁ ଗୁହାରି କରିଛି । କିଛି ଲାଭନାହିଁ । ତିନି ଚକିଆ ଗାଡି ଖଣ୍ଡିଏ ବି ତା ଭାଗ୍ୟରେ ନାହି । ଯଦି ପ୍ରଶାସନ ଏ ଲୋକ ଟିକୁ ସାହାଯ୍ୟର ହାତ ବଢାଇ ତେବେ ଜୀବନ ବଞ୍ଚିଯାଇପାରେ ।ବର୍ତମାନ ଘରେ ଚୁଲୀ ଜଳୁନାହି । ଗ୍ରାମବାସୀମାନେ ବି ତାଙ୍କ ଦୁଃଖକୁ ଦେଖି ସହିପାରୁ ନାହାନ୍ତି । ତାଙ୍କୁ କେବଳ ଭଗବାନ ଭରସା ।

ମଦ ଜବତ: ୨ ଗିରଫ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ପୋଲିସ ବାଲିଆମ୍ବ ଗ୍ରାମରେ ଚଢାଉ କରି ସୁବ୍ରତ ପ୍ରଧାନଙ୍କ ଘରୁ ୨୩ ଲିଟର ଚୋରା ମଦ ଜବତ କରାଯାଇଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ଘରେ ବେଆଇନ ଭାବରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇଁ ପୋଲିସ ଚଢଉ କରି ଗିରଫ କରିଥିଲା । । ସେହି ପରି କିଶୋରନଗର ପୋଲିସ ଡିମିରିମୁଣ୍ଡା ଗ୍ରାମରେ ଚଢଉ କରି ପ୍ରଦୀପ କୁମାର ସାହୁଙ୍କ ଘରୁ ୧୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି । ଏନେଇ ଏକ କେଶ ରୁଜୁ କରାଯାଇଛି ।

ଭାଇଙ୍କୁ ଠେଙ୍ଗାରେ ଆକ୍ରମଣ

ପାଇକସାହି, (ସବ୍ୟୁ) : ଠାକୁରଗଡ଼ ଥାନା କନ୍ତପଡା ଗ୍ରାମର ତପନ ନାୟକ ଙ୍କୁ ତାଙ୍କ ବବା ପୁଅ ଅମୂଲ୍ୟ ନାୟକ ଏକ ଠେଙ୍ଗା ରେ ଆକ୍ରମଣ କରିଥିବା ଗୁରୁବାର ଦିନ ତପନ ଙ୍କ ପତ୍ନୀ ପ୍ରମିଳା ନାୟକ ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ପ୍ରମିଳା ଘରେ ଥିବା ବେଳେ ପୂର୍ବ ଶତ୍ରୁତା କୁ ନେଇ ଅମୂଲ୍ୟ ଗାଳିଗୁଲଜ କରିଥିଲେ । ଏହି ସମୟ ରେ ତପନ ଆସି କାହିକି ଗାଳିଗୁଲଜ କରୁଛି ବୋଲି କହିବାରୁ ତାଙ୍କୁ ଏକ ଠେଙ୍ଗା ରେ ଆକ୍ରମଣ କରିଥିଲେ । ଏଥିରେ ତପନ ଗୁରୁତର ଆହାତ ହେବା ପରେ ପ୍ରମିଳା ଥାନା ରେ ଅଭିଯୋଗ କରିଥିଲେ । ଏ ନେଇ ନମ୍ବର ୬୭/୨୪ ରେ ଏକ ମାମଲା ରୁଜୁ କରାଯାଇଛି ।

ବଡଯୋରଡାରେ ବିଶ୍ୱ ପଖାଳ ଦିବସ ପାଳିତ

ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକ ବଡଯୋରଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ତାଳଚେର ସଙ୍କୁଳ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଏଥିରେ ତାଳଚେର ସଙ୍କୁଳ ସଂଯୋଜକ ତଥା ତାଳଚେର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବରେ ଶିକ୍ଷା ବିକାଶ ସମିତି,ଓଡିଶାଙ୍କ ମଧ୍ୟ ସମ୍ଭାଗ ଅନ୍ତର୍ଗତ ଅନୁଗୋଳ ବିଭାଗ ନିରୀକ୍ଷକ ବିରଂଚି ନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ପ୍ରାରମ୍ଭରେ ବଡଯୋରଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ମାୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭାଗ ନିରୀକ୍ଷକ ଶ୍ରୀ ମହାପାତ୍ର ନିଜ ଅଭିଭାଷଣରେ ଯୁବପିଢି ଆଧୁନିକତାର ଦ୍ୱାହି ଦେଇ ଆମ ପ୍ରାଚୀନ ଖାଦ୍ୟକୁ ଅଣଦେଖା କରିବା ସହ ପାଶ୍ଚାତ୍ୟ ଖାଦ୍ୟକୁ ଆପଣେଇ ନେଉଥିବାରୁ ଆମ ସଂସ୍କୃତି ଦ୍ରୁତ ଗତିରେ ଅବକ୍ଷୟ ଆଡକୁ ଗତିକରୁଛି । ଏହାସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅତିପ୍ରିୟ ଭୋଗ ହେଉଛି ପଖାଳ । ଏଭଳି ସ୍ଥଳେ ଓଡିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ପୁଣି ଥରେ ବିଶ୍ୱ ଦରବାରରେ ପରିଚିତ କରାଇବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରାଯାଉଛି ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ତାଳଚେର ସଙ୍କୁଳ ଅନ୍ତର୍ଗତ କଳମଛୁଇଁ, ତାଳଚେର, ଦେଉଳବେଡା, ବଡଯୋରଡା ଆମ୍ବମୁଣ୍ଡା, ବିକ୍ରମପୁର, ଚାଇଁପାଳ ଆଦି ସାତୋଟି ଶିଶୁ ମନ୍ଦିରର ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ପଖାଳ ଭାତ ସହ ଦହି, ବଡି ଚୂରା, ଶାଗ, ଆଳୁ ଭଜା, ପୋଦିନା ଚଟଣୀ ଆଦି ପାରମ୍ପରିକ ଓଡିଆ ବ୍ୟନ ପ୍ରସ୍ତୁତ କରି ପରିବେଷଣ କରାଯାଇଥିଲା । ଶେଷରେ ସଙ୍କୁଳ ସଂଯୋଜକ ହେମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ, ଆମ୍ବମୁଣ୍ଡା ଶିଶୁ ମନ୍ଦିରର ଉପସଭାପତି ଗିରିଶ ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଦିବେଶ ଚନ୍ଦ୍ର ସାହୁ, ପ୍ରଧାନାଚାର୍ଯ୍ୟ ଅଭିମନ୍ୟୁ ବାରିକ, ତାଳଚେର ଶିଶୁମନ୍ଦିରର ସମ୍ପାଦକ ବିଜୟ କୁମାର ପଣ୍ଡା, ଦେଉଳବେଡା ଶିଶୁମନ୍ଦିରର ଯୁଗ୍ମ ସଂପାଦକ ଧନଯ ପ୍ରଧାନ, ପ୍ରଧାନାଚାର୍ଯ୍ୟ ବାବୁଲି ସାମଲ, ବିକ୍ରମପୁର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଜ୍ଞାନରନ ଦାସ,ବଡ ଯୋରଡା ଶିଶୁ ମନ୍ଦିରର ସଂପାଦକ ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଚାର୍ଯ୍ୟ ସୁଶାନ୍ତ କୁମାର ବେହେରା,ବିଭୂତ ଭୂଷଣ ନାୟକ, ଦେବରାଜ ପ୍ରଧାନ, ବୈଜୟନ୍ତୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

ମନରେଗା ଜନ ଶୁଣାଣିରେ ବହୁ ଘୋଟାଲାର ପର୍ଦ୍ଦାଫାସ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ଏନଆରଇଜିଏସ ସଂଯୋଜକ ଅଶୋକ ରାଉତଙ୍କ ସଂଯୋଜନାରେ ମହାତ୍ମାଗାନ୍ଧୀ ନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କୀତ ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ଶିବିରରେ ୬୫୨ଜଣ ମୃତ ହିତାଧିକାରୀଙ୍କ ନାମରେ ରାସନ ଚାଉଳ ହଡପ ହୋଇଥିବା ସାର୍ବଜନୀନ ହୋଇଛି। ସେହିପରି ଏନଆରଇଜିଏସ ଯୋଜନାରେ ଭଦ୍ରକ କ୍ରୀଡ଼ା ବିଭାଗ ମଞ୍ଜୁର କରିଥିବା ୧କୋଟି ଟଙ୍କାର ଖର୍ଚ୍ଚର ତାଳମେଳ ନାହିଁ ଓ ଏହାର ହିସାବ ମିଳୁନାହିଁ। ସେହିଭଳି ରହଣିଆ ପଂଚାୟତର ଡିଲର ବିଶ୍ୱନାଥ ମହାନ୍ତି ୧୦୮ କୁଇଣ୍ଟାଲ ଚାଉଳର ହିସାବ ଦେଉନଥିବା ବେଳେ କୁରିଗାଁର କୈଳାସ ଖଟୁଆ ଓ ରାଜେନ୍ଦ୍ରପୁର ପଂଚାୟତର ମା' ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ରାସନ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ସମୀକ୍ଷା ଶିବିରରୁ ଜଣାପଡିଛି। ଏହି ଶିବିରରେ ୧୧୨ଗୋଟି ଆପତ୍ତି ଅଭିଯୋଗ ହୋଇଥିଲା। ପ୍ରତିବର୍ଷ ଏହି ଯୋଜନାରେ ବିଭିନ୍ନ ଯନ୍ତ୍ରୀ,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କ ଠାରୁ ଅନିୟମିତତାର ପାଇଁ ଅସୁଲ